# ଆମ ଗାଁ ଉତ୍ସବ ଉଦ୍‌ଘାଟିତ

**ଡେରାବିଶ,୧୩।୨(ସମିସ):** ଡେରାବିଶ ବ୍ଲକ ପଲେଇ ପଞ୍ଚାୟତ ଅନ୍ତର୍ଗତ ଜହଙ୍ଗର ସ୍ଥିତ ମା' କ୍ଷେତ୍ରପାଳିନୀଙ୍କ ପୀଠରେ ଆମ ଗାଁ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି । ଏହି ପଞ୍ଚାୟତ ଅନ୍ତର୍ଗତ ପୁରୀପଡ଼ା, ଜହଙ୍ଗର, ବିଶୋକ, ବମ୍ବିଲୋ, ମଠସାହି ଇତ୍ୟାଦି ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ଏହି ପ୍ରଥମ ବାର୍ଷିକ 'ଆମ ଗାଁ ଉତ୍ସବ'କୁ କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲା ନିଲୁ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦ୍‌ଘାଟନ କରି ଅନୁଷ୍ଠାନକୁ ପ୍ରଶାସନିକ ସ୍ତରରେ ଆବଶ୍ୟକୀୟ ସହାୟତା ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହି ଉଦ୍‌ଘାଟନୀ ସଭାରେ ଅନୁଷ୍ଠାନର ସଭାପତି ମଦନ ମୋହନ ନାୟକ ଅଧ୍ୟକ୍ଷତା କରିଥିବା ବେଳେ ବିଶିଷ୍ଟ ଅତିଥିଭାବେ ଡେରାବିଶ ମହୋତ୍ସବର ସଭାପତି ଇଂ ଭକ୍ତକବି ଦାସ, ସମ୍ମାନିତ ଅତିଥିଭାବରେ ଅବସରପ୍ରାପ୍ତ ଅଧ୍ୟକ୍ଷ ଭକ୍ତରଞ୍ଜନ ନାୟକ, ସରପଞ୍ଚ ଅକ୍ଷୟ ସାହୁ, ସମିତିସଭ୍ୟା ତୃପ୍ତିମୟୀ ଜେନା ଓ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଗୁରୁଚରଣ ସେଠୀ ଯୋଗଦେଇଥିଲେ । ବରିଷ୍ଠ ସମାଜସେବୀ ପ୍ରାଧ୍ୟାପକ ଅଜୟ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅବକ୍ଷୟମୁଖି ବର୍ତ୍ତମାନର ସମାଜରେ ସୁଧାର ଆଣିବା ପାଇଁ ଭାଇଚାରାର ଆବଶ୍ୟକତା ଅଛି ବୋଲି କହିଥିଲେ ।ଏଥିପାଇଁ ଏହିଭଳି ଛୋଟଛୋଟ ଉତ୍ସବହିଁ ସମାଜରେ ସୁଧାର ଆଣିପାରିବ ବୋଲି ମତ ଦେଇଥିଲେ । ଏହି ଅବସରରେ ମଞ୍ଚାସୀନ ଅତିଥି ବରିଷ୍ଠ ତଥା ବୟୋଜ୍ୟେଷ୍ଠ ବ୍ୟକ୍ତି ଅନାଦି ଚରଣ ବେହେରା, ପଦ୍ମ ଚରଣ ସେଠୀ ଓ ଦୈତାରୀ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶିକ୍ଷାବିତ୍ ଇଶ୍ୱରଚନ୍ଦ୍ର ପୃଷ୍ଟି ମଞ୍ଚ ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ରାଜକିଶୋର ଜେନା ବିବରଣୀ



ପାଠ କରିଥିଲେ । ଏହି ଅବସରରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ, ନୃତ୍ୟ ଏବଂ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା । ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେହ ବିଶିଷ୍ଟ ଅତିଥିମାନଙ୍କୁ ନିମନ୍ତ୍ରଣ କରାଯାଇଥିବା ବେଳେ ପ୍ରତି ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶଣ ସହିତ ଅଞ୍ଚଳର ଯୁବକ ଯୁବତୀଙ୍କ ଠାରେ ଲୁକ୍କାୟିତଥିବା କଳା ପ୍ରତିଭାକୁ ଏହି ଉତ୍ସବ ମାଧ୍ୟମରେ ଲୋକଲୋଚନକୁ ଆଣିବା ପାଇଁ ଶେଷ ଦୁଇଦିନ ନାଟକ ଅଭିନିତ ହେବ ବୋଲି କର୍ମକର୍ତ୍ତା ପ୍ରକାଶ କରିଛନ୍ତି ।

## ଷଷ୍ଠ ରାଜ୍ୟ ଅର୍ଥ ଆୟୋଗ ଅଧ୍ୟକ୍ଷ ଓ ସଦସ୍ୟଙ୍କ କେନ୍ଦ୍ରାପଡ଼ା ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କଲେ ସମୀକ୍ଷା

**କେନ୍ଦ୍ରାପଡା,୧୩।୨(ସମିସ)**

ଷଷ୍ଠ ରାଜ୍ୟ ଅର୍ଥ ଆୟୋଗର ଅଧ୍ୟକ୍ଷ ଡ. ଅରୁଣ କୁମାର ପଣ୍ଡା କ୍ଷେତ୍ର ପରିଦର୍ଶନରେ କେନ୍ଦ୍ରାପଡା ଜିଲ୍ଲାରେ ପହଞ୍ଚିଥିଲେ । ଏହି ପରିପ୍ରେକ୍ଷୀରେ ଅଧ୍ୟକ୍ଷ ଏବଂ ସଦସ୍ୟମାନେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ସହିତ ସର୍ବ ପ୍ରଥମେ ମହାକାଳପଡ଼ା ବ୍ଲକର ବଡ଼କୁଳ ପଞ୍ଚାୟତ, ପରେ ପରେ କେନ୍ଦ୍ରାପଡା ବ୍ଲକର ଓସ୍ତପୁର ପଞ୍ଚାୟତ ଏବଂ ଶେଷରେ କେନ୍ଦ୍ରାପଡା ପୌରପାଳିକା ଗସ୍ତ କରି ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ । ନିର୍ବାଚିତ ପ୍ରତିନିଧିମାନଙ୍କ ସହିତ ବିବିଧ ଆଲୋଚନା କରିଥିଲେ । ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦଭାବନା



ସଭାଗୃହଠାରେ ଆୟୋଗ ଅଧ୍ୟକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ବୈଠକରେ କେନ୍ଦ୍ରାପଡା ଜିଲ୍ଲାପରିଷଦର ସଭାପତି, ପଟ୍ଟାମୁଣ୍ଡାଇ ଓ ଗରଦପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷ, ପଟ୍ଟାମୁଣ୍ଡାଇ ପୌରପାଳିକାର ଅଧ୍ୟକ୍ଷ, କେନ୍ଦ୍ରାପଡା ପୌରପାଳିକାର ଅଧ୍ୟକ୍ଷା, ସରପଞ୍ଚ ଓସ୍ତପୁର, ସରପଞ୍ଚ ବଡ଼କୁଳ, ସରପଞ୍ଚ ବ୍ରାହ୍ମଣସାହି, ଜିଲ୍ଲା ପ୍ରଶାସନର ବରିଷ୍ଠ ପ୍ରଶାସନିକ ଅଧିକାରୀ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧିମାନେ ଅଂଶ ଗ୍ରହଣ କରିଥିଲେ । ଅର୍ଥ ଆୟୋଗ ଅନୁଦାନରେ ପ୍ରଦାନ କରାଯାଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ପ୍ରଗତି ଉପରେ ସମୀକ୍ଷା କରି ପ୍ରକଳ୍ପ ଗୁଡିକୁ ଯଥା ସମୟରେ ସମ୍ପୂର୍ଣ୍ଣ ଏବଂ ନିର୍ଦ୍ଧାରିତ ସମୟ ମଧ୍ୟରେ ଅର୍ଥ ବିନିଯୋଗ କରିବା ଉପରେ ଗୁରତ୍ୱାରୋପ କରିଥିଲେ ।ପରିବେଶ ଅନୁକୂଳ ଓ ଦୀର୍ଘସ୍ଥାୟୀ ବିକାଶ ପରିକଳ୍ପନା କରିବା ପାଇଁ ସମସ୍ତ ଅଧିକାରୀ ଓ ପ୍ରତିନିଧିମାନଙ୍କଠାରୁ ପ୍ରସ୍ତାବ ଆହ୍ୱାନ କରିଥିଲେ । ବଗପାଟିଆଠାରେ ସାତଭାୟା ପୁନର୍ବାସ ପ୍ରକଳ୍ପ, ଗ୍ରାମ ପଞ୍ଚାୟତ ଓ ପୌରପାଳିକାର ନିଜସ୍ୱ ଆୟ ବୃଦ୍ଧି ସମ୍ପର୍କିତ ପ୍ରକଳ୍ପ, ଜଳାଶୟ ପୁନରୁଦ୍ଧାର, ସମଅଞ୍ଚଳଭିତ୍ତିକ ପ୍ରକଳ୍ପ ମୂଲ୍ୟ ଆଦି ଜିଲ୍ଲାର ସ୍ୱତନ୍ତ୍ର ସମସ୍ୟା ଗୁଡିକର ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ଶେଷରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଜାମ୍ବର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ବ୍ରାହ୍ମଣୀରେ ବୁଡ଼ି ଯୁବକ ମୃତ

**ପଟ୍ଟାମୁଣ୍ଡାଇ/ଦାଣ୍ଡିସାହି,୧୩।୨(ସମିସ):** ପଟ୍ଟାମୁଣ୍ଡାଇ ଧୋୟାଞ୍ଚଳ ଅନ୍ତର୍ଗତ ଅଳପୁଆ ବ୍ରାହ୍ମଣୀ ନଦୀଘାଟ ଶନିମନ୍ଦିର ନିକଟ ବ୍ରାହ୍ମଣୀ ନଦୀରେ ଜଣେ ଯୁବକ ଆଜି ବୁଡ଼ିଯାଇ ମୃତ୍ୟୁ ବରଣ କରିଛି । ମୃତ ଯୁବକଙ୍କ ସାର୍ଟ ପକେଟରେ ଥିବା ଆଧାର କାର୍ଡରୁ ସମ୍ପୃକ୍ତ ଯୁବକ ଜଣକ ଯାଜପୁର ମ୍ୟୁନିସିପାଲିଟି ଅନ୍ତର୍ଗତ ରାଜପୁରର ଅଶୋକ ମାଳିଙ୍କ ପୁଅ ଅଜୟ ମାଳି(୨୭) ବୋଲି ଜଣାପଡିଛି । ସକାଳ ପ୍ରାୟ ୮.୪୫ମିନିଟ ସମୟରେ ବିଞ୍ଝାରପୁରପଟରୁ ଏହି ଯୁବକ ଜଣକ ଅଳପୁଆ ଘାଟକୁ ଆସିଥିବା ଲୋକେ ଦେଖିଥିଲେ । ଏହା ପରେ ଏହି ଯୁବକ ନଦୀ ମଧ୍ୟକୁ ପ୍ରବେଶ କରିବାର ନଦୀ ଘାଟରେ ସ୍ନାନ ଓ ଶୌଚ ହେଉଥିବା ସ୍ଥାନୀୟ ଗ୍ରାମରେ କେତେକ ମହିଳା ଦେଖିବାକୁ ପାଇଥିଲେ । ପରବର୍ତ୍ତୀ ସମୟରେ ଯୁବକ ଜଣକ ହଠାତ ଗଭୀର ପାଣି ମଧ୍ୟରେ ବୁଡ଼ି ଯାଉଥିବା ଦେଖି ସମ୍ପୃକ୍ତ ମହିଳାମାନେ ଚିତ୍କାର କରି ଅନ୍ୟମାନଙ୍କୁ ଡାକ ପକାଇଥିଲେ । ଡାକ ଶୁଣି ଗ୍ରାମର କେତେକ ବ୍ୟକ୍ତି କୁଳରୁ ନଦୀ ମଧ୍ୟକୁ ବାଉଁଶ ପକାଇ ଯୁବକଙ୍କୁ ବାଉଁଶ ଧରି କୁଳକୁ ଆସିବା ପାଇଁ ପାଟି କରି କହିଥିଲେ । ହେଲେ ବାଉଁଶ ଧରିବା ପୂର୍ବରୁ ଯୁବକ ଜଣକ ନଦୀର ଗଭୀର ପାଣିରେ ବୁଡିଯାଇଥିଲେ । ସେନା ବାହିନୀରେ କାର୍ଯ୍ୟ କରୁଥିବା ଗ୍ରାମର ଚିତ୍ତରଞ୍ଜନ ସାହୁ ଓ ନିହାର ରଞ୍ଜନ ସାହୁ ତତକ୍ଷଣାତ ନଦୀ ମଧ୍ୟକୁ ଡେଇଁ ପଡ଼ିଥିଲେ । ଉଭୟ ପାଣିରେ ବୁଡ଼ି ଯୁବକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ । ତେବେ ସେତେବେଳକୁ ଶ୍ୱାସରୁଦ୍ଧ ହୋଇ ଯୁବକଙ୍କର ମୃତ୍ୟୁ ହୋଇସାରିଥିଲା । ମୃତ ଯୁବକଙ୍କ ଶବକୁ ନଦୀ ମଧ୍ୟରୁ ଉଦ୍ଧାର କରାଯାଇ କୁଳକୁ ଅଣାଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ଅଳପୁଆ ଘାଟ ଲୋକାରଣ୍ୟ ହୋଇପଡିଥିଲା ।

## ସମାଜସେବୀଙ୍କ ସ୍ମୃତିଚାରଣ ସଭା

**ଗୋବିନ୍ଦପୁର, ୧୩।୨(ସମିସ):** ଆଳି ବ୍ଲକ୍ ଜୁଆଣିଆ ପଞ୍ଚାୟତ ହଦୁଆ ଗ୍ରାମର ସମାଜସେବୀ ଏକାଦଶୀ ସାହୁଙ୍କ ଏକାଦଶାହରେ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଛି । ଶିକ୍ଷାବିତ୍ ନିରଞ୍ଜନ ଦାସଙ୍କ ସଭାପତିତ୍ୱରେ ବରିଷ୍ଠ ବ୍ୟକ୍ତି ଆକୁଳିଚରଣ ଥାଟୋଇଙ୍କ ସଂଯୋଜନାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ ଜେନା, କୃଷ୍ଣଚନ୍ଦ୍ର ଥାଟୋଇ, ଅଜୟ କୁମାର ବିଶ୍ୱାଳ, ଅନିରୁଦ୍ଧ ସାହୁ, ଶ୍ରୀଧର ନାୟକ, କବି ଧନେଶ୍ୱର ଦାସ, ସାମ୍ବାଦିକ ଅନଙ୍ଗ ଉଦୟ ବେଉରିଆ, ଶିକ୍ଷାବିତ୍ ବିଜୟ ସାମଲ,



ତିର୍ଲୋଚନ ଥାଟୋଇ, କମଳକାନ୍ତ ସାମଲ, ଶ୍ରୀଧର ନାୟକ, ରାଜେନ୍ଦ୍ର ରାଉତ ପ୍ରମୁଖ ଯୋଗ ଦେଇଥିଲେ । ସ୍ୱର୍ଗତ ସାହୁ ଜଣେ ପରୋପକାରୀ, ମିଷ୍ଟଭାଷୀ ବ୍ୟକ୍ତି ଥିଲେ ବୋଲି ଉପସ୍ଥିତ ବ୍ୟକ୍ତିମାନେ ମତବ୍ୟକ୍ତ କରିଥିଲେ । ପ୍ରଦୀପ ଜେନା ରମଧୁନଗାନ କରିଥିଲେ । ପ୍ରଥମେ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରାଯାଇଥିଲା ।

## ମେଧାବୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା

**ମହାକାଳପଡା,୧୩।୨(ସମିସ):** ମହାକାଳପଡା ବ୍ଲକ ଶିଖର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ରୀ ସ୍ୱାତିଲଗ୍ନା ଦାସ ଚଳିତ ଶିକ୍ଷାବର୍ଷ ପାଇଁ ମେଧାବୃତ୍ତି ପାଇବା ପାଇଁ ମନୋନୀତ ହୋଇଛନ୍ତି । ତାଙ୍କର ଏହି ସଫଳତା ପାଇଁ ତାଙ୍କୁ ଉତ୍ସାହିତ କରିବା ନିମନ୍ତେ ବିଦ୍ୟାଳୟ ପକ୍ଷରୁ ସ୍ୱାତିଲଗ୍ନାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଲୀନାମୟି ବିଶ୍ୱାଳ ଏବଂ ସହକାରୀ ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ରାଉତରାୟ ଭବିଷ୍ୟତରେ ଆହୁରି ଭଲ ପାଠ ପଢିବା ପାଇଁ ସ୍ୱାତିଲଗ୍ନାଙ୍କୁ ପରାମର୍ଶ ଦେଇଥିଲେ । ସ୍ୱାତିଙ୍କ ବାପା ଶିଖର ଗ୍ରାମର ସଞ୍ଜୟ ଦାସ ଏବଂ ମା' କାମିନୀ ଦାସ ଝିଅର ସଫଳତା ପାଇଁ ଖୁସିବ୍ୟକ୍ତ କରିଛନ୍ତି ।

## ବ୍ଲକ୍‌ସ୍ତରୀୟ ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର

**ରାଜନଗର ୧୩।୨(ସମିସ):** ରାଜନଗର ବ୍ଲକ ପରିସରରେ ଆଜି ବେକାର ଯୁବକ ଓ ଯୁବତୀ ମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ବ୍ଲକ ସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି । ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବରେ କାର୍ଯ୍ୟକ୍ରମ କୁ ଉଦଘାଟନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ବିଡ଼ିଓ ଶୋଭନ ଶ୍ରୀତମ ପଣ୍ଡା ପୌରହିତ୍ୟ କରିଥିଲେ । କାର୍ଯ୍ୟକ୍ରମରେ ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଗଣେଶ ଗୁଡ଼ିଆ, ତହସିଲଦାର ଅଜୟ କୁମାର ମହାନ୍ତି, ଜିଲ୍ଲା ଦକ୍ଷତା ବିକାଶ ଓ ନିଯୋଜନ ଅଧିକାରୀ ଘନଶ୍ୟାମ ସାହା, କନିଷ୍ଠ ନିଯୋଜନ ଅଧିକାରୀ ବିଜୟ କୁମାର ପତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ଓଡିଶା ଜୀବିକା ମିଶନ ରାଜନଗର ବ୍ଲକ ବିପିଏମ ଦୀପକ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ବିଏଲସି ପ୍ରକାଶ କୁମାର ଦାସ, ବନଜା ନଳିନୀ ମିଶ୍ର ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଶିବିରରେ ସିପେଟ, ସାଇଏକ୍ସପଟ, ଏନ.ଆର. ନରସିଂ ପ୍ରଭୃତି ଯୋଗଦେଇ ବିଭାଗରେ ପଞ୍ଜିକୃତ ପାଖାପାଖି ୪୭୦ବେକାର ଯୁବକ ଓ ଯୁବତୀଙ୍କ କାଉନସେଲିଂ କରିଥିଲେ । ପିଆଇ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ କାଉନସେଲିଂ କରିଥିଲେ । ଏହି ଶିବିରରେ ୪୭୦ ଯୁବକ ଯୁବତୀ ସେମାନଙ୍କ ନାମ ପଞ୍ଜୀକୃତ କରିଥିବା ବେଳେ ୩୮୦ ଜଣଙ୍କୁ ଟ୍ୟାଗିଙ୍ଗ କରଯାଇଥିଲା ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ

**ପଟ୍ଟାମୁଣ୍ଡାଇ,୧୩।୨(ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ତାତନା ଗ୍ରାମର ଧର୍ମପ୍ରାଣା ମହିଳା ହାରାମଣି ବାରିକ(୮୭)ଙ୍କ ପରଲୋକ ହୋଇଯାଇଛି । ସେ ଜଣେ ପରୋପକାରୀ ଧର୍ମପ୍ରାଣା ମହିଳାଭାବେ ସାଧାରଣରେ ପରିଚିତ ଥିଲେ ।ତାଙ୍କ ମୃତ୍ୟୁ ଖବରପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମୃତ୍ୟୁରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା,ରାଜନଗର



ବିଧାୟକ ଧ୍ରୁବ ସାହୁ, ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ପୌରାଧ୍ୟକ୍ଷ ହେମନ୍ତ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା ।ବଡପୁଅ ସାମ୍ବାଦିକ ଲକ୍ଷ୍ମୀଧର ବାରିକ ମୁଖାଗ୍ନୀ ଦେଇଥିଲେ ଓ ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି ।

## ୧୦ ମାସ ଧରି ସାହୁ ସାହିରେ ସରକାରୀ ନଳକୂପ ଅଚଳ



## ୨୫ ପରିବାର ପାଣି ପାଇଁ ଡହକବିକଳ

**ପଞ୍ଚୁପାଣ୍ଡବ,୧୩।୨(ସମିସ):** ଡେରାବିଶ ବ୍ଲକ ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ବେଲାରପୁର ଗ୍ରାମରେ ଥିବା ସାହୁ ସାହିରେ ସରକାରୀ ନଳକୂପ ଅଚଳ ଅବସ୍ଥାରେ ପଡ଼ିରହିଛି । ଏହି ନଳକୂପଟି ପ୍ରାୟ ୧୦ ମାସ ହେଲା ଅଚଳ ଅବସ୍ଥାରେ ପଡ଼ିରହି ଥିବା ବେଳେ ସାହୁ ସାହିର ପ୍ରାୟ ୨୫ ଘରର ପରିବାର ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ନଳକୂପ ନିକଟରେ ଏକ ଭାଗବତ ଗୋସାଇଁ ସପ୍ତା ଘରଟି ରହିଛି । ଏଥିରେ ବି ଠାକୁରଙ୍କ ନିତ୍ୟକର୍ମ ପାଇଁ ଅସୁବିଧାରେ ସମ୍ମୁଖିନ ହେଉଛନ୍ତି ପୂଜକ ମାନେ ।ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ ନଳକୂପ ଅଚଳ ହୋଇଥିଲା ବେଳେ ଦଶ ମାସ ପୂର୍ବରୁ ମରାମତି ହୋଇଥିଲା । କିନ୍ତୁ ଏବେ ଅଚଳ ହୋଇଥିଲେ ସୁଦ୍ଧା ଯାହାକୁ କହିଲେ କେହି ସମସ୍ୟାକୁ ସମାଧାନ କରୁନାହାନ୍ତି ।ଯେତେ ଶୀଘ୍ର ଏହାର ତଦନ୍ତ କରାଯାଇ ଖରାଦିନ ପୂର୍ବରୁ ଅଚଳ ନଳକୂପ ମରାମତି କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି ।

## ସିଦ୍ଧ ବଳଦେବଜୀଉ ମନ୍ଦିରରେ ପ୍ରଥମ ଅଖଣ୍ଡ ଭଜନ



**କେନ୍ଦ୍ରାପଡା,୧୩।୨(ସମିସ):** ପବିତ୍ର କୁମ୍ଭ ସଂକ୍ରାନ୍ତି ଏବଂ ମାଘ ପୂର୍ଣ୍ଣିମା ଉପଲକ୍ଷେ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଭାବଗ୍ରାହୀ କଳା ନିକେତନ ଓ ରେଡ଼ିଓ ଭାବଗ୍ରାହୀର ମିଳିତ ଆନୁକୂଲ୍ୟରେ ଶ୍ରୀ ସିଦ୍ଧ ବଳଦେବଜୀଉ ମନ୍ଦିର ପରିସରରେ ପ୍ରଥମ ଅଖଣ୍ଡ ଭଜନ ଓ ନୃତ୍ୟ ସମାରୋହ ଅନୁଷ୍ଠିତ ହୋଇଯାଇଛି । କଳା ନିକେତନର ପ୍ରତିଷ୍ଠାତା ସଙ୍ଗୀତଜ୍ଞ ବିମଳ ପ୍ରସାଦ ପରିଡାଙ୍କ ସଫଳ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପରିଡାଙ୍କ ସମେତ ନିରୁପମା ଜେନା, ରଞ୍ଜନ ବରାଳ, ଅଜୟ ଜେନା, ବଳରାମ ମଲିକ ପ୍ରମୁଖ କଳାକାରମାନେ ଚିର ସବୁଜ ଅକ୍ଷୟ ମହାନ୍ତି ଏବଂ ବଳଦେବଜୀଉଙ୍କ ଭଜନ ପରିବେଷଣ କରିଥିଲେ । ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗ ସୌଜନ୍ୟରୁ ମହ୍ଲାର ଅର୍କେଷ୍ଟ୍ରାର ରୂପାଲି ସୂତାର, ସ୍ମୃତିରେଖା ବିଶ୍ୱାଳ, ପ୍ରତୀକ୍ଷା ନାୟକ , କୁସୁମ ପଣ୍ଡା, ନିବେଦିତା ନାୟକ, ଅଙ୍କିତା ସାହୁ, ଅର୍ପିତା ସାହୁ, ଅଭିଲିପ୍ସା ସାହୁ ପ୍ରମୁଖ ଶିଳ୍ପୀମାନେ ଓଡ଼ିଶୀ, ସମ୍ବଲପୁରୀ ଏବଂ ବଳଦେବଜୀଉଙ୍କ ଭଜନରେ ନୃତ୍ୟ ପରିବେଷଣ କରିଥିଲେ । ଆରମ୍ଭରେ କଣ୍ଠଶିଳ୍ପୀ ବିମଳ ପରିଡା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହିତ ଅଖଣ୍ଡ ଭଜନ ଓ ନୃତ୍ୟ ସମାରୋହର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ । ନିରୁପମା ସ୍ୱାଗତ ସଙ୍ଗୀତ ଗାଇଥିଲେ । ଶ୍ରଦ୍ଧାଳୁ ଭକ୍ତମାନେ ମନ୍ଦିରରେ କନ୍ଦରାସୁର ବଧ ବେଶ ଦର୍ଶନ କରିବା ସହିତ ଭଜନ ଓ ନୃତ୍ୟରେ ବିଭୋର ହୋଇଥିଲେ । ଶେଷରେ ରେଡ଼ିଓ ଭାବଗ୍ରାହୀର ମୁଖ୍ୟ ଟ୍ରଷ୍ଟି ଧୀରାମଣି ପରିଡା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଶ୍ରୀଧର ରାଉତ ଭିନ୍ନକ୍ଷମ ବାର୍ଷିକ ମେଧାବୃତ୍ତି ପ୍ରଦାନ ଉତ୍ସବ

**କେନ୍ଦ୍ରାପଡା,୧୩।୨(ସମିସ):** ଭିନ୍ନକ୍ଷମତା ସହିତ ଆର୍ଥିକ ଅନଗ୍ରସରତା ସର୍ବଦା ଓତଃପ୍ରୋତ ଭାବେ ଜଡ଼ିତ ଥାଏ । ବିଶେଷ କରି ଯେଉଁ ଛାତ୍ରଛାତ୍ରୀମାନେ ଗୁରୁତର ଭିନ୍ନକ୍ଷମତା ସହ ନିମ୍ନ ଆର୍ଥିକ ବର୍ଗରୁ ଆସିଥାନ୍ତି, ସେମାନଙ୍କ ନିମନ୍ତେ ଉଚ୍ଚଶିକ୍ଷା ସମାପନର ଲକ୍ଷ୍ୟ କଷ୍ଟସାଧ ହୋଇପଡିଥାଏ । ଫଳରେ ସେମାନଙ୍କ ମଧ୍ୟରୁ ଅନେକ ଅଧାରୁ ପାଠ ବନ୍ଦ କରିବାକୁ ବାଧ ହୋଇଥାନ୍ତି । କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ଡିଗ୍ରୀ ମହାବିଦ୍ୟାଳୟରେ ଏହିପରି ଗୁରୁତର ଭିନ୍ନକ୍ଷମ ଓ ଆର୍ଥିକ ଅନଗ୍ରସର ମେଧାବୀ ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଚୟନ କରାଯାଇଥିବା ଚାରିଜଣ ଛାତ୍ରଛାତ୍ରୀଙ୍କୁ ପୁନର୍ବାସ ପକ୍ଷରୁ "ବାର୍ଷିକ ଶ୍ରୀଧର ରାଉତ ଭିନ୍ନକ୍ଷମ ମେଧାବୃତ୍ତି-୨୦୨୫' ପ୍ରଦାନ କରାଯାଇଛି । ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟଙ୍କ ସଞ୍ଚାଳନରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର ଯୋଗଦେଇ ଛାତ୍ରଛାତ୍ରୀମାନେ ସମସ୍ତ ପ୍ରତିବନ୍ଧକତା ଅତିକ୍ରମ କରି ସଫଳତା ଦିଗରେ ଅଗ୍ରସର ହେବା ଉଚିତ୍ ବୋଲି ପରାମର୍ଶ ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ଶିକ୍ଷାବିତ୍ ଓ ଲେଖକ ପ୍ରଫେସର୍ ଅଭୟ ବେହେରା, ସାହିତ୍ୟିକ ଓ ପ୍ରାକ୍ତନ ଅଧ୍ୟକ୍ଷ



ପ୍ରଫେସର ନନ୍ଦ କିଶୋର ପରିଡା, ପୂର୍ବତନ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ବରିଷ୍ଠ ଲେଖିକା ଅନ୍ନପୂର୍ଣ୍ଣା ମହାନ୍ତି, ଓଡିଶା ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀ ଅରବିନ୍ଦ ରାଉତରାୟ ଓ କେମ୍ ସଭାପତି ଅକ୍ଷୟ ପାଣି ପ୍ରମୁଖ ଯୋଗଦେଇ ଏହା ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେବା ସହ ଆର୍ଥିକ ଭାବେ ସହାୟତା କରିବ ବୋଲି ମତ ପ୍ରକାଶ କରିଥିଲେ । କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗୁରୁତର ଚଳନ ଶକ୍ତି ବାଧିତ ମେଧାବୀ ଛାତ୍ର ବିଶାଳ ରଞ୍ଜନ ସାହୁ, ବୌଦ୍ଧିକ ଅନଗ୍ରସର ଛାତ୍ର ଚିନ୍ମୟ କୁମାର ସେନାପତି ପ୍ରତ୍ୟେକଙ୍କୁ ପନ୍ଦର ହଜାର ଟଙ୍କା ଏବଂ ମାର୍ଶାଘାଇ ମହାବିଦ୍ୟାଳୟର ଶତ ପ୍ରତିଶତ ଦୃଷ୍ଟି ବାଧିତ ଛାତ୍ରୀ ଲିସାରାଣୀ ପଲାଇ ଓ ଅନ୍ତେଇ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟର ଦୃଷ୍ଟି ବାଧିତ ଛାତ୍ର ଭୀଷ୍ମ କୁମାର ଦାସ ପ୍ରତ୍ୟେକଙ୍କୁ ଦଶ ହଜାର ଟଙ୍କାର ବୃତ୍ତିରାଶି ପ୍ରଦାନ କରିଥିଲେ । ପୁନର୍ବାସ ପକ୍ଷରୁ ସଭ୍ୟା ଅମରିନ ସାହଦତ, ସଞ୍ଜୀବ ଜେନା, ଜ୍ୟୋତିରଞ୍ଜନ ନାୟକ, ଶିବ ଚରଣ ସାମଲ, ମହମ୍ମଦ ଜାହିଦ ଖାନ୍, ମନୋଜ ବିଶ୍ୱାଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା କାର୍ଯ୍ୟାଳୟ ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ କୁମାର ବେହୁରା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଜଗମୋହନ ହୋତା, ଚନ୍ଦ୍ରମଣି ମଲ୍ଲିକ, କବି ଅକ୍ଷୟ ନାୟକ, ଶ୍ରୀଧର ଭୋଳ, ପ୍ରଭାତ ପରିଡା ଓ ଅନେକ ବୁଦ୍ଧିଜୀବୀ ଯୋଗ ଦେଇଥିଲେ । ସର୍ବ ଶେଷରେ ସହ ସମ୍ପାଦକ ବଂଶୀଧର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଥାନା ଅଧିକାରୀ ସ୍ତରରେ ଅଦଳବଦଳ

**କେନ୍ଦ୍ରାପଡ଼ା,୧୩।୨(ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାର ଥାନା ଅଧିକାରୀଙ୍କ ସ୍ତରରେ ଆରକ୍ଷୀ ଅଧୀକ୍ଷକ ଅଦଳବଦଳ କରିଛନ୍ତି । ସେହି ଅନୁଯାୟୀ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର (ଆରକ୍ଷୀ ନିରୀକ୍ଷକ) ସରୋଜ ସାହୁଙ୍କୁ ଡେରାବିଶ ଥାନାରେ ଅବସ୍ଥାପିତ କରାଯାଇଥିବା ବେଳେ ମୁଖ୍ୟାଳୟରେ ଥିବା ତପନ କୁମାର ନାୟକଙ୍କୁ ଆଳି ଥାନାକୁ, ମୁଖ୍ୟାଳୟରେ ଥିବା ବନ୍ଦନା ପାତ୍ରଙ୍କୁ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ, ମହାକାଳପଡ଼ା ଥାନାଧିକାରୀ ଧୀରଜ ଲେଙ୍କାଙ୍କୁ ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାକୁ, ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନାଧିକାରୀ ନରେଶ ସାହୁଙ୍କୁ ରାଜନଗର ଥାନାକୁ, ସଦର ଥାନାଧିକାରୀ ବିମଳ ମଲ୍ଲିକଙ୍କୁ ତାଳଚୁଆ ସାମୁଦ୍ରିକ ଥାନାକୁ, ମୁଖ୍ୟାଳୟରେ ଥିବା ଇନ୍ସପେକ୍ଟର ଶୁଭେନ୍ଦୁ ସାହୁଙ୍କୁ ସଦର ଥାନାକୁ ବଦଳି କରାଯାଇଛି । ସେହିପରି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଥିବା ରାଜେନ୍ଦ୍ର କୁମାର ମହାପାତ୍ରଙ୍କୁ ମହାକାଳପଡ଼ା ଥାନା, ଡେରାବିଶ ଥାନାଧିକାରୀ କିଶୋର ଚନ୍ଦ୍ର ତରେଇଙ୍କୁ ତନ୍ତିଆପାଳ ସାମୁଦ୍ରିକ ଥାନା, ତନ୍ତିଆପାଳ ସାମୁଦ୍ରିକ ଥାନାରେ ଥିବା ସୌମ୍ୟରଞ୍ଜନ ବିଶ୍ୱାଳଙ୍କୁ ଜମ୍ବୁ ସାମୁଦ୍ରିକ ଥାନାରେ, ମୁଖ୍ୟାଳୟରେ ଥିବା ମହମ୍ମଦ ଜାମସେଦଙ୍କୁ ପାଟକୁରା ଥାନାରେ, ତାଳଚୁଆ ସାମୁଦ୍ରିକ ଥାନାରେ ଥିବା ସସ୍ମିତା ସାହୁଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ, ଜମ୍ବୁ ସାମୁଦ୍ରିକ ଥାନାରେ ଥିବା ଶ୍ରୀକାନ୍ତ ବାରିକଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟ, ପାଟକୁରା ଥାନାରେ ଥିବା ପ୍ରଦୀପ ପ୍ରଧାନଙ୍କୁ ଜିଲ୍ଲା ପୁଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି । ବଦଳି ହୋଇଥିବା ଏହି ଅଧିକାରୀମାନଙ୍କୁ ନୂତନ ସ୍ଥାନରେ ତୁରନ୍ତ ଯୋଗଦେବା ପାଇଁ ଆରକ୍ଷୀ ଅଧୀକ୍ଷକ ସିଦ୍ଧାର୍ଥ କଟାରିଆ ନିର୍ଦ୍ଦେଶ ଜାରି କରିଛନ୍ତି । ଜିଲା ପୁଲିସ ଏଷ୍ଟାବ୍ଲିସମେଣ୍ଟ ବୋର୍ଡର ନିଷ୍ପତ୍ତିକ୍ରମେ ଏହି ବଦଳି କରାଯାଇଥିବା ନିର୍ଦ୍ଦେଶନାମାରେ ଉଲ୍ଲେଖ ରହିଛି ।

# ୪୨୪୮ ଆୟକରଦାତାଙ୍କୁ ରାସନ କାର୍ଡ ଫେରାଇବାକୁ ନୋଟିସ୍

**ଡେରାବିଶ, ୧୩।୨(ସମିସ)**

ସରକାରଙ୍କ ପକ୍ଷରୁ ରାସନ କାଡର୍‌ରେ ହିତାଧିକାରୀଙ୍କ ଇ-କେୱାଇସି କରିବା ପରେ ଧିରେ ଧିରେ ରାସନକାଡର୍‌ର ଗୁମର ଖୋଲୁଛି । ତେବେ ଅଦ୍ୟାବଧି ବ୍ଲକରେ ଶତକଡ଼ା ୧୧ ଭାଗ ରାସନକାଡର୍ ହିତାଧିକାରୀ ଇ-କେୱାଇସି କରିନଥିବା ଜଣାପଡ଼ିଛି । ତେବେ ଅନ୍ୟପକ୍ଷରେ ଇ-କେୱାଇସି କରିବା ଫଳରେ ଏବେ ହଜାର ହଜାର ବେଆଇନ ରାସନ କାଡର୍ ହିତାଧିକାରୀଙ୍କ ମୁଖା ଖୋଲିଛି । ଡେରାବିଶ ବ୍ଲକ ଅଞ୍ଚଳରେ ୧୮୩ ଜଣ ସରକାରୀ ଚାକିରି କରିଥିବା ବ୍ୟକ୍ତି ବେଆଇନ ଭାବେ ରାସନ କାଡର୍ ହାତେଇଥିବା ବେଳେ ସରକାରୀ ନୋଟିସ୍ ପରେ ସେମାନେ କାଡର୍ ଫେରାଇବାକୁ ବାଧ ହୋଇଛନ୍ତି । ଏବେ ଦ୍ୱିତୀୟ ଦଫାରେ ବ୍ଲକ ଅଞ୍ଚଳର ୪୨୪୮ ଜଣ ଆୟକର ଦାତା ରାସନକାଡ଼ଁ ଧାରୀଙ୍କୁ ଯୋଗାଣ ବିଭାଗ ପକ୍ଷରୁ ରାସନକାଡର୍ ଫେରାଇବା ପାଇଁ ନୋଟିସ୍ କରାଯାଇଛି । ଯାହା ଫଳରେ ବହୁ ଆୟକର ଦାତା ଏବେ ରାସନ କାଡର୍ ଫେରାଇବା ପାଇଁ ବାଧ ହୋଇଛନ୍ତି । ଏଥିପାଇଁ ବ୍ଲକ ଯୋଗାଣ ବିଭାଗ କାର୍ଯ୍ୟାଳୟ ଦିନସାରା ଲୋକାରଣ୍ୟ ହୋଇଥିବା ଦେଖିବାକୁ ମିଳିଛି । ସୂଚନଯୋଗ୍ୟ ସରକାରଙ୍କ ପକ୍ଷରୁ ଡେରାବିଶ ବ୍ଲକ ଅଧୀନ ବାଲିଆ ପଞ୍ଚାୟତରେ ୧୬୩ ଜଣ, ବାରିମୂଳରେ ୨୯୨, ବସପୁରରେ୧୦୫, ବେଣିପୁରରେ ୧୨୬, ଚାନ୍ଦୋଳରେ ୨୬୭,ଚାଟରାଚକଡ଼ାରେ ୧୪୯, ଛୋଟିରେ୪୫, ଦାନପୁରରେ ୨୦୩, ଏଣ୍ଡରରେ ୨୦୭,ଗୋଲରାହାଟରେ୧୨୪, ଗୁଆଳସିଂରେ୨୬୫, ହରିଅଙ୍କରେ ୧୩୫, ଇନ୍ଦାଳୋରେ୧୫୯, ଯଅଁରା ବାରିମୂଳରେ୧୭୪, କାଉପଡ଼ାରେ ୬୬, ଖମୋଳରେ ୧୫୪, କୁରୁଜଙ୍ଗାରେ ୨୪୯, କୁଶିଆପାଳରେ ୨୬୬, ଲକ୍ଷ୍ମୀନାରାୟଣପୁରରେ ୧୯୮, ମଙ୍ଗଳପୁରରେ ୯୦, ମୁକୁନ୍ଦପୁରରେ ୧୦୭, ନହଙ୍ଗରେ ୧୯୬, ନରସିଂହପୁରରେ ୮୨, ପଲେଇରେ ୨୦୩, ରଘୁଦେଇପୁରରେ ୯୩, ରତାଦିଆଖଣ୍ଡସାହିରେ ୧୩୦ ଜଣ ଆୟକରଦାତା ରାସନକାଡର୍ ଧାରୀ ରହିଥିବା ଜଣାଯାଇଛି ।

## ଜ୍ୟୋତିଷ ପ୍ରଫୁଲ୍ଲ ନନାଙ୍କ ଦେହାନ୍ତ

**ପଞ୍ଚୁପାଣ୍ଡବ,୧୩।୨(ସମିସ):** ଡେରାବିଶ ବ୍ଲକ ବେଣୀପୁର ପଞ୍ଚାୟତ ଅନ୍ତର୍ଗତ ବଜାର ଗ୍ରାମର ଜ୍ୟୋତିଷ ପ୍ରଫୁଲ୍ଲ ଚନ୍ଦ୍ର ନାୟକ (ବୁଲାନା)( ୮୬)ଙ୍କ ଦେହାନ୍ତ ହୋଇଯାଇଛି ।ସ୍ୱର୍ଗତ ନାୟକ ଜଣେ ଜ୍ୟୋତିଷ ଭାବେ ଆଖ ପାଖ ଅଞ୍ଚଳରେ ସୁପରିଚିତ



ଥିଲେ ।ସେ କିଛି ଦିନ ଧରି ଅସୁସ୍ଥ ଥିଲା ବେଳେ ବୁଧବାର ରାତି ପ୍ରାୟ ୧୨ ଟା ସମୟରେ ହଠାତ୍ ତାଙ୍କର ଦେହ ଅସୁସ୍ଥ ହୋଇଥିଲା ।ପରେ ତାଙ୍କର କିଛି ସମୟ ଭିତରେ ମୃତ୍ୟୁ ହୋଇଥିଲା । ଏ ଦୁଃଖଦ ଖବର ଶୁଣି ଗ୍ରାମରେ ଶୋକର ଛାୟା ଖେଳି ଯାଇଛି ।ସ୍ୱର୍ଗତ ନାୟକଙ୍କ ମରଶରୀରକୁ ପୁରୀ ସ୍ୱର୍ଗ ଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରାଯାଇଥିଲା ବେଳେ ବଡ଼ ପୁଅ ପ୍ରଦୀପ କୁମାର ନାୟକ ମୁଖଗ୍ନୀ ଦେଇଥିଲେ ।ପାଖରେ ପୁଅ ପ୍ରତାପ କୁମାର ନାୟକ,ପ୍ରକାଶ କୁମାର ନାୟକ,ପ୍ରଶାନ୍ତ କୁମାର ନାୟକ, ପୁଅ ବୋହୁ,ଝିଅ ଜ୍ୱାଇଁ ଓ ନାତି ନାତୁଣୀ ଉପସ୍ଥିତ ଥିଲେ ।



## ଶ୍ରୀଜଗନ୍ନାଥଙ୍କ ଗଜଉଦ୍ଧାରଣ ବେଶ



**ଏରସମା, ୧୩।୨ (ସମିସ):** ଏରସମା ଭିତରଅନ୍ଧାରି ପଞ୍ଚାୟତର ରସକଡାପୁର ଗ୍ରାମରେ ଥିବା ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀ ଜଗନ୍ନାଥଙ୍କ ଗଜଉଦ୍ଧାରଣ ବେଶ ଅନୁଷ୍ଠିତ ହୋଇଯାଇଅଛି। ସକାଳ ୫ଟା ସମୟରେ ମଙ୍ଗଳା ଆରତୀ ହେବା ସହ ଅବକାଶ ନୀତି,ସଂକୀର୍ତ୍ତନ ଓ ଗୋପାଳବଲ୍ଲଭ ଭୋଗ ଲାଗିଥିଲା। ବାବା ରାମଚନ୍ଦ୍ର ଦାସଙ୍କ ତତ୍ତ୍ୱାବଧାନରେ ସମସ୍ତ ଟ୍ରଷ୍ଟର ସଦସ୍ୟ ଏବଂ ସମସ୍ତ ଉପସ୍ଥିତ ଥିଲେ। ସମସ୍ତଙ୍କ ପାଇଁ ମହାପ୍ରସାଦର ବ୍ୟବସ୍ଥା କରାଯାଇଥିଲା।

## ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

**କୁଜଙ୍ଗ,୧୩।୨(ସମିସ):** ଜଣେ ନାବାଳିକା ନିଖୋଜ ନେଇ ଗତ ୧୧ ତାରିଖରେ ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି କୁଜଙ୍ଗ ଥାନା ଏସ୍ଆଇ ରଶ୍ମି ରଞ୍ଜନ ସାହୁ ତଦନ୍ତ କରିବା ସହ ମଙ୍ଗରାରଜପୁରରୁ ଏହି ନାବାଳିକାକୁ ଉଦ୍ଧାର କରିଥିଲେ। ଏହି ଘଟଣାରେ ମଙ୍ଗରାଜପୁର ଗ୍ରାମର ଅଭିଯୁକ୍ତ ବବୁଲ ଓରଫ କୃଷ୍ଣ ମଲିକ୍(୨୪)ଙ୍କ ଘରୁ ନାବାଳିକା ଉଦ୍ଧାର କରାଯିବା ସହ ତାଙ୍କୁ ଗିରଫ କରାଯାଇ ପୋସ୍କୋ ଅଦାଲତ ଜଗତସିଂହପୁରକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ତପନ କୁମାର ନାହାକଙ୍କଠାରୁ ପ୍ରକାଶ। ଅଭିଯୋଗର ମାତ୍ର ୧୨ ଘଣ୍ଟା ପରେ ନାବାଳିକା ଉଦ୍ଧାର ନେଇ କୁଜଙ୍ଗ ପୁଲିସର ପଦକ୍ଷପକୁ ଉଚ୍ଚ ପ୍ରଶଂସା କରାଯାଇଛି।

## ଗୋଲେଖ ଦାସଙ୍କ ପରଲୋକ



**ମଣିଜଙ୍ଗା,୧୩।୨(ସମିସ):** ତିର୍ତ୍ତୋଲ ବ୍ଲକ୍ ସଂରା ଗ୍ରାମର ପୂର୍ବତନ ସରପଞ୍ଚଙ୍କ ଶଶୁର ଗୋଲେଖ ଦାସଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁଅବୋହୂ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅଙ୍ଗଦାନ କରିବେ ଧ୍ରୁବ ଚରଣ



**ବିରିଡି,୧୩।୨(ସମିସ):** ବିରିଡି ବ୍ଲକ ବଡିମୀରା ଗ୍ରାମର ବିଶିଷ୍ଟ ସମାଜସେବୀ ୭୭ବର୍ଷୀୟ ଧ୍ରୁବ ଚରଣ ପରିଜା ନିଜର ମୃତ୍ୟୁ ପରେ ସରକାରଙ୍କୁ ଅଙ୍ଗଦାନ କରିବାପାଇଁ ଚୁକ୍ତିବଦ୍ଧ କରିଛନ୍ତି। ବୟସର ଅପରାହ୍ନରେ ପଦାର୍ପଣ କରିଥିଲେ ମଧ ଶ୍ରୀ ପରିଜା ଏବେ ନିଜକୁ ସମାଜସେବାରେ ନିୟୋଜିତ କରିବାସହ ସେ ଜଣେ ଜଗନ୍ନାଥ ପ୍ରେମୀ ତଥା ମା' ଦୁର୍ଗାଙ୍କ ଉପାସକ ଭାବେ ଅଞ୍ଚଳରେ ବେଶ ପରିଚିତ। ସ୍ଥାନୀୟ ଅଞ୍ଚଳର ନନ୍ଦବାବାଙ୍କ ସହ ବିଭିନ୍ନ ସ୍ଥାନରେ ଅଷ୍ଟପ୍ରହର ନାମଯଜ୍ଞରେ ସାମିଲ ହୋଇଥାନ୍ତି । ତେବେ ଅନ୍ୟର ଜୀବନ ବଞ୍ଚାଇବାର ଲକ୍ଷ୍ୟ ରଖି ଶ୍ରୀ ପରିଜା ନିଜର ଅଙ୍ଗଦାନ କରିବାକୁ ନିଷ୍ପତ୍ତି ନେଇ ନିଜକୁ ଏହି ମହାନ କାର୍ଯ୍ୟରେ ସାମିଲ କରିଥିବାରୁ ବିରିଡି ବ୍ଲକ ଅଙ୍ଗଦାନ ସଚେତନ ଗ୍ରୁପ ସମିତିର ସମସ୍ତ କର୍ମକର୍ତ୍ତା ମାନେ ତାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ପାରାଦୀପରେ ସିବିଆଇ ଟିମ୍

**ପାରାଦୀପ,୧୩।୨(ସମିସ):** ପାରାଦୀପରେ ସିବିଆଇ ଟିମ୍ ତିନି ଘଣ୍ଟା ଧରି ପାରାଦୀପ ପ୍ରଶାସନିକ ଭବନରେ ଆଜି ତିନି ଘଣ୍ଟା ଧରି ଖୋଳ ତାଡ କରିଛନ୍ତି। ପାରାଦୀପ ଟାଉନ ସିପ୍‌ରେ କ୍ୱାର୍ଟର୍ସ ତିଆରି କରିବା ପାଇଁ ତିନି କୋଟି ଟଙ୍କା ଠକି ନେଇଥିବା ହାଇଦ୍ରାବାଦର ଡିଏନସି ଇନଫାଷ୍ଟ୍ରକଚର ବିରୋଧରେ ପଚରାଉଚୁରା କରିବା ପାଇଁ ସିବିଆଇ ଟିମ୍ ଆସିଥାଇପାରେ ବୋଲି ଆଲୋଚିତ ହେଉଛି। ତେବେ ଏ ନେଇ ସଠିକ୍ ତଥ୍ୟ ଜଣା ପଡି ନାହିଁ।

## ବିଦ୍ୟାଳୟ ପୁରାତନ ଛାତ୍ରଙ୍କ ବୈଠକ

**ବାଲିକୁଦା,୧୩।୨(ସମିସ):** ବାଲିକୁଦା ସରକାରୀ ଉଚ୍ଚବିଦ୍ୟାଳୟର ୧୯୮୩ ମାଟ୍ରିକ୍ ବ୍ୟାଚ୍ ପୁରାତନ ଛାତ୍ରଙ୍କ ବୈଠକ ବାଲିକୁଦା ବ୍ଲକ୍ ନାଗପୁରସ୍ଥ ଅଧିଷ୍ଠାତ୍ରୀ ଦେବୀ ମା' ଜଗୁଳାଇଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଂସଦ ସଭାପତି ଅମୀୟ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ସମ୍ପାଦକ ହରିଶ୍ଚନ୍ଦ୍ର ଶତପଥୀ, ପୁରାତନ ଛାତ୍ର ସୁମନ୍ତ ସାହୁ, ପ୍ରଦୀପ୍ତ ମହାନ୍ତି, ଅଜୟ କୁମାର ଶତପଥୀ, କ୍ଷୀରୋଦ ନାୟକ, ରଜନୀ ବାରିକ, ନୃସିଂହ ମଲ୍ଲିକ, ନଳିନୀ ବିଶ୍ୱାଳ, ଫକୀର ଦାସ, ନାରାୟଣ ଭୋଇ, ଦଇନ ସାହୁ, କାଜଲ ମହାନ୍ତି, ସଞ୍ଜୟ ବାରିକ, କାଳନ୍ଦୀ ସାହୁ, ଚୈତନ୍ୟ ଓଝା, ବୁଲୁ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରାଯିବାକୁ ଆଲୋଚନା କରିଥିଲେ। ଶେଷରେ ସଂସଦର କୋଷାଧକ୍ଷ ସରିଫ ଉଦ୍ଦିନ ଧନ୍ୟବାଦ ଅର୍ପଣ କରିଥିଲେ।

## ଧର୍ମପ୍ରାଣା ମହିଳାଙ୍କ ପରଲୋକ



**କଟକ, ୧୩।୨(ଇମିସ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ୍ ଅନ୍ତର୍ଗତ ଗଜରାଜପୁର ଗ୍ରାମର ଧର୍ମପ୍ରାଣା ମହିଳା ବିଷ୍ଣୁପ୍ରିୟା ଦାସ(୮୯)ଙ୍କ ପରଲୋକ ହୋଇଛି। କିଛି ବର୍ଷ ତଳେ ତାଙ୍କ ସ୍ୱାମୀ ସ୍ୱର୍ଗତ ଫନୀନ୍ଦ୍ର କୁମାର ଦାସଙ୍କ ମୃତ୍ୟୁ ହୋଇଥିଲା। ଶେଷ ଶଯ୍ୟା ନିକଟରେ ଚାରି ପୁଅ, ବୋହୂ, ନାତିନାତୁଣୀ, ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ମଶାଣିରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ବଡ଼ପୁଅ ସୁକାନ୍ତ ଦାସ ମୁଖାଗ୍ନି ଦେଇଥିଲେ। ଅନ୍ୟ ତିନି ପୁଅ ଉମକାନ୍ତ, ନାଣ୍ଟୁ, ଦୀପୁ, ଭାଇ ପ୍ରସନ୍ନ କୁମାର ପଟ୍ଟନାୟକ ଓ ପରିବାରର ଅନ୍ୟ ସଦସ୍ୟ, ଗ୍ରାମବାସୀ ଶେଷକୃତ୍ୟ ବେଳେ ଉପସ୍ଥିତ ଥିଲେ। ଦୁଇ ଝିଅ ଓ ଜ୍ୱାଇଁ ଦୂରରେ ପରିବାର ସହିତ ଅବସ୍ଥାନ କରୁଛନ୍ତି। ତାଙ୍କ ମୃତ୍ୟୁରେ ଗଜରାଜପୁର ସହ ପୈତୃକ ଗ୍ରାମ ମଣ୍ଡାସାହି ପଞ୍ଚାୟତର ଟିଟିଙ୍ଗା ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

**ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲା**

# ଅଭିଯୁକ୍ତକୁ ୨୦ ବର୍ଷ ଜେଲ୍, ୪୫ ହଜାର ଜରିମାନା

**ଜଗତସିଂହପୁର,୧୩।୨(ସମିସ)**

ଜଗତସିଂହପୁର ଜିଲ୍ଲା ବାଲିକୁଦା ଥାନା ଅଞ୍ଚଳରେ ୨୦୨୦ରେ ଘଟିଥିବା ନାବାଳିକା ଅପହରଣ ଓ ଦୁଷ୍କର୍ମ ମାମଲାର ବିଚାର କରି ଫାଷ୍ଟ ଟ୍ରାକ୍ କୋର୍ଟ ଅଭିଯୁକ୍ତକୁ ୨୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ସହ ୪୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସୂଚନା ମୁତାବକ, ୨୦୨୦ ଜୁନ୍ ୧୬ ତାରିଖ ସନ୍ଧ୍ୟା ୬ ଘଟିକା ସମୟରେ ଘରେ କେହି ନ ଥିବା ସୁଯୋଗ ନେଇ ବାଲିକୁଦା ଥାନା ଅନ୍ତର୍ଗତ ଗଦେଇଗିରି ଗ୍ରାମର ସମୀର ଓରଫ୍ ଜୀବନଜ୍ୟୋତି ସାହୁ ୧୬ ବର୍ଷୀୟ ଜଣେ ନାବାଳିକାକୁ ଲୁନାରେ ଅପହରଣ କରିଥିଲା। ପ୍ରଥମେ ମାଉସୀ ଘରେ ଓ ପରେ ଭଡ଼ାଘରେ ରଖି ସମୀର ଉକ୍ତ ନାବାଳିକାକୁ ଦୁଷ୍କର୍ମ କରିଥିଲା। ସେହିବର୍ଷ ଡିସେମ୍ବର ୨୮ ତାରିଖରେ ପୀଡ଼ିତାଙ୍କୁ ତାଙ୍କ ଘର ପାଖରେ ଛାଡ଼ିଦେଇ ପଳାଇଥିଲା। ଘଟଣା ସମ୍ପର୍କରେ ନାବାଳିକା ଘରେ ସବୁ କଥା କହିବା ପରେ ପୀଡିତାଙ୍କ ମାଆ ବାଲିକୁଦା ଥାନାରେ ଏତଲା ଦେଇଥିଲେ। ପୁଲିସ ୩୩୫/୨୦୨୦ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସମୀରକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

୧୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରି ଜଗତସିଂହପୁର ଫାଷ୍ଟ ଟ୍ରାକ୍ କୋର୍ଟ ବିଚାରପତି ଅଜୟ କୁମାର ମହାନ୍ତି ଅଭିଯୁକ୍ତ ସମୀରକୁ ୨୦ ବର୍ଷ କାରାଦଣ୍ଡ ସହିତ ୪୫ ହଜାର ଟଙ୍କା ଜରିମାନା ଆଦେଶ ଦେଇଛନ୍ତି। ସେହିପରି ପୀଡିତାଙ୍କୁ ୫ ଲକ୍ଷ ଟଙ୍କା ସହାୟତା ପ୍ରଦାନ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରୀ ଓକିଲ ଦୋଳଗୋବିନ୍ଦ ଦାଶ ମାମଲା ପରିଚାଳନା କରୁଥିଲେ।

## ମା' ବୁଢ଼ୀ ଜାଗୁଳାଇ କ୍ରିକେଟ୍, ଜେଏସି ଚାମ୍ପିଅନ୍



**ପଟ୍ଟାମୁଣ୍ଡାଇ, ୧୩।୨(ସମିସ):** ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଡ଼ାମରପୁର ହରେକୃଷ୍ଣ ହାଇସ୍କୁଲ ପଡିଆଠାରେ ଅନୁଷ୍ଠିତ ମା ବୁଢୀ ଜାଗୁଳାଇ କ୍ରିକେଟ ଟ୍ରଫିର ଫାଇନାଲ ମ୍ୟାଚରେ ଜେ ଏ ସି ଇଂଜନପୁର ବିଜୟୀ ହୋଇଛି। ଡେଲଟା ଇଞ୍ଜିନିୟରିଂ ଆଣ୍ଡ ସର୍ଭିସେସ ଆନୁକୂଲ୍ୟରେ ଅନୁଷ୍ଠିତ ରାଜ୍ୟ ସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଫାଇନାଲ ଅତ୍ୟନ୍ତ ଚିତାକର୍ଷକ ହୋଇଥିଲା। ପୂର୍ବତନ ସରପଞ୍ଚ ସୁବାଷ ଚନ୍ଦ୍ର ଦାଶଙ୍କ ପୌରହିତ୍ୟରେ ଅନୁଷ୍ଠିତ ପୁରସ୍କାର ପ୍ରଦାନ ଉତ୍ସବରେ ରାଜନଗର ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟ ଅତିଥି, ବରିଷ୍ଠ ସାମ୍ବାଦିକ ଅନୀଲ ଚୌଧୁରୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିବା ବେଳେ ସମାଜ ସେବୀ ବସନ୍ତ କୁମାର ନାଥ, ଉତିକଣ ସଂଗ୍ରାମ ପରିଷଦର ସଭାପତି ପ୍ରଶାନ୍ତ ମହାନ୍ତି ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଫାଇନାଲ ମ୍ୟାଚ ଜୟଦେବ ସ୍ପୋର୍ଟିଂ ଭୁବନେଶ୍ୱର ଏବଂ ଯାଜପୁର (ଇଞ୍ଜନପୁର) ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ ଜିତି ଯାଜପୁର ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ପ୍ରଥମେ ବ୍ୟାଟିଂ କରି ଜୟଦେବ ସ୍ପୋର୍ଟିଂ ୧୯ ଓଭର ୧ଟି ବଲରେ ସମସ୍ତ ଉଇକେଟ ହରାଇ ୧୮୩ ରନ ସଂଗ୍ରହ କରିବାକୁ ସମର୍ଥ ହୋଇଥିଲା। ଦଳ ପକ୍ଷରୁ ଜନ୍ମେଜୟ ସାହୁ ସର୍ବାଧିକ ୫୨ ରନ କରିଥିଲେ। ତାହାର ଜବାବରେ ଯାଜପୁର (ଇଞ୍ଜନପୁର)ଟିମ ମାତ୍ର ୧୬ ଓଭରରେ ତିନି ଉଇକେଟ ହରାଇ ୧୮୪ ରନ ପୂରଣ କରି ବିଜୟୀ ଦଳ ଘୋଷିତ ହୋଇଥିଲେ। ଯାଜପୁର ପକ୍ଷରୁ ନାସିର ଅଲ୍ଲୀ ସର୍ବାଧିକ ୮୭ ରନ କରି ମ୍ୟାନ ଅଫ ଦି ମ୍ୟାଚ୍ ଏବଂ ଦିପେନ୍ଦ୍ର ସିଂହ ମ୍ୟାନ ଅଫ ଦି ସିରିଜ ଘୋଷିତ ହୋଇଥିଲେ। ଓଡ଼ିଶା କ୍ରିକେଟ ଆସୋସିଏସନର ପ୍ଲାବନ ସ୍ୱାଇଁ ଓ ବିଶ୍ୱଜିତ ଅଧିକାରୀ ଅମ୍ପେୟାର ଭାବେ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଚନ୍ଦନ, ବିଜୟ ଓ ଘୋଷକ ଭାବେ ହୃଷିକେଶ ରାଉଳ, ଅସିତ୍ ତ୍ରିପାଠୀ, ସୁଧୀର ବେହୁରା, ସ୍ମୃତି ରଞ୍ଜନ ସିଅ ଏବଂ ମ୍ୟାଚ ରେଫରି ଭାବେ ନିରଞ୍ଜନ ଦାସ, ଡାମରପୁର ଯୁବକ ସଂଘ ସଭ୍ୟମାନେ ଖେଳ ପରିଚାଳନା କରିଥିଲେ। ଖେଳ ଶେଷରେ ସ୍ଥାନୀୟ ଅଞ୍ଚଳର ସମସ୍ତ ପୂରାତନ କ୍ରିକେଟ୍ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତା | ମୁମ୍ବାଇ, ଚେନ୍ନାଇ, ପାରାଦୀପ ବିଜୟୀ

**ପାରାଦୀପ, ୧୩।୨ (ସମିସ):** ପାରାଦୀପ ବନ୍ଦର ପ୍ରାଧୀକରଣ ଓ ଅଖିଳ ଭାରତ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୁଲ୍ୟରେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡିୟମ୍ ଠାରେ ଆୟୋଜିତ ୪୬ତମ ଅଖିଳ ଭାରତ ବୃହତ୍ ବନ୍ଦର ଫୁଟବଲ ପ୍ରତିଯୋଗିତାର ଆଜି ସକାଳେ ଖେଳା ଯାଇଥିବା ପ୍ରଥମ ମ୍ୟାଚରେ ମୁମ୍ବାଇ ବନ୍ଦର ବିଶାଖପାଟଣା ବନ୍ଦରକୁ ୫-୦ ଗୋଲରେ ପରାସ୍ତ କରିଥିବା ବେଳେ ଚେନ୍ନାଇ ବନ୍ଦର ଗୋଆ ବନ୍ଦରକୁ ୫-୦ ଗୋଲରେ ପରାସ୍ତ କରିଛି। ଅପରାହ୍ନରେ ଖେଳା ଯାଇଥିବା ଦୁଇଟି ମ୍ୟାଚରେ ପାରାଦୀପ ବନ୍ଦର କୋଚିନ ବନ୍ଦରକୁ ୪-୦ ଗୋଲରେ ପରାସ୍ତ କରିଛି। ଅନ୍ୟ ମ୍ୟାଚରେ ଭିଓସି ବନ୍ଦର ଓ କଲିକତା ବନ୍ଦର ମଧ୍ୟରେ ଖେଳ ୧-୧ ଗୋଲରେ ଅମିମାଂସିତ ରହିଥିଲା।

## ଚଟୁଆ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ଏରସମା, ୧୩।୨(ସମିସ):** ଏରସମା ବ୍ଲକ ଚଟୁଆ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ ବିଦ୍ୟାଳୟ ଖେଳ ପଡିଆଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଚଟୁଆ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦେବଦତ୍ତ ସାହାଣୀ ଆନୁଷ୍ଠାନିକ ଭାବେ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ କ୍ରୀଡ଼ା ପତାକାକୁ ଉତ୍ତୋଳନ କରିଥିଲେ।ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଭାରପାପ୍ତ ପ୍ରଧାନ ଶିକ୍ଷୟିତ୍ରୀ କଲ୍ୟାଣୀ ସ୍ମିତା ଦାସଙ୍କ ସଭାପତିତ୍ୱ କରିଥିଲେ। ସମ୍ମାନୀତ ଅତିଥି ଭାବେ ଶିକ୍ଷକ ଲୋକନାଥ ତରାଇ ଅତିଥି ପରିଚୟ ଓ ସଭା ପରିଚାଳନା କରିଥିଲେ। କ୍ରୀଡ଼ା ଶିକ୍ଷୟିତ୍ରୀ ପ୍ରଭାତୀ ସାହୁ ଓ ଶିକ୍ଷକ ବିକ୍ରମ କୁମାର ନାୟକ କ୍ରୀଡ଼ା ପ୍ରତିଯୋଗିତାକୁ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା କରିଥିଲେ। ଚଟୁଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶୈଳବାଳା ସ୍ୱାଇଁ, ନମିତା ମୁଦୁଲି, ତୃଷ୍ଣା ମହାପାତ୍ର,ସବିତା ରାଉତ,ଆଶାଲତା ଦତ୍ତ,ରତ୍ନ ରାମେଶ୍ୱରୀ ବେଉରା,ରାଜରାଣୀ ପରିଡ଼ା,ଅର୍ଣ୍ଣପୂର୍ଣ୍ଣା ସ୍ୱାଇଁ, ସଂଘମିତ୍ରା ସାମନ୍ତରାୟ, ଦେବଶ୍ରୀ ସ୍ୱାଇଁ,ସୌଭାଗିନୀ ମିଶ୍ର, କିରାଣୀ ଶକୁନ୍ତଳା ବେହେରା, ଛବିଳ ସ୍ୱାଇଁ, ଝୁନାରାଣୀ ଦଳାଇ,ଚଟୁଆ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟ ମମତା ସ୍ୱାଇଁ, ରମେଶ ଗୋଛାୟତ, ଦମୟନ୍ତୀ ଗୋଛାୟତ,ଅଭିଭାବକ ଟୁଲିଆ, ଶ୍ରୀକାନ୍ତ ନାଥ,ମଳୟ ରଞ୍ଜନ ସୂତାର,ଶଶ୍ମୀତା ସ୍ୱାଇଁ ଉତ୍ସବକୁ ପରିଚାଳନା କରିଥିଲେ।

## ଟିପିସିଓଡିଏଲ୍ ଆଭା ଶକ୍ତିର ବାର୍ଷିକ ସମ୍ମିଳନୀ

**ତିର୍ତ୍ତୋଲ, ୧୩।୨(ସମିସ):** ପାରାଦୀପ ବିଦ୍ୟୁତ୍ ଖଣ୍ଡ ଟିପିସିଓଡିଏଲ୍ ଆଭା ଶକ୍ତିଙ୍କ ବାର୍ଷିକ ସମ୍ମିଳନୀ ସହ ଦକ୍ଷତା ବୃଦ୍ଧି ଓ ପୁରସ୍କାର ପ୍ରଦାନ କାର୍ଯ୍ୟକ୍ରମ ତିର୍ତ୍ତୋଲ ଆନନ୍ଦ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସିଆରଇ ସସ୍ମିତା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ସିଓଓ ମନୋଜ କୁମାର ସିଂହ ଯୋଗଦେଇ ଆଭା ଶକ୍ତି ଦିଦି କିପରି ସେମାନଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ କରିବେ, ସେ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ଅତିଥି ଆରଆରଜି ପ୍ରବୀଣ କୁମାର ବର୍ମା, ଏସସି ଶିବ ପ୍ରସାଦ ସ୍ୱାଇଁ, ଡିଏମ ପ୍ରଭାତ ରଞ୍ଜନ ପରିଡ଼ା, ମଳୟ କୁମାର ବେହେରା, ପାରାଦୀପ ଏସଡିଓ ବିବେକାନନ୍ଦ ପଣ୍ଡା, ତିର୍ତ୍ତୋଲ ଏସଡିଓ ସ୍ମୃତିରଞ୍ଜନ ସାହୁ, କୁଜଙ୍ଗ ଏସଡିଓ କମଳାକାନ୍ତ ବିଶୋଇ, ସିଏସଏମ ପାରାଦୀପ ଶାନ୍ତନୁ କୁମାର ଦାସ, ଆରଏସି ନିର୍ଦ୍ଦେଶକ ଡ. ଏସଆର ମାଞ୍ଜୀ, ଟିଏଲ୍ ଏମବିସି ଭବାନୀ ଶଙ୍କର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଡିସି ସୌମ୍ୟ ତ୍ରିପାଠୀ, ଖଣ୍ଡ ସଂଯୋଜକ ନିର୍ମଳ ସାମଲ, ବ୍ଲକ ପରିଚାଳକ ବିଜୟ ବାରିକ, ବସନ୍ତ କୁମାର ପ୍ରଧାନଙ୍କ ସମେତ ପାରାଦୀପ ବିଦ୍ୟୁତ୍ ଖଣ୍ଡ ସମସ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ଜେଏମ କମର୍ସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆଭାଶକ୍ତି ଦିଦି ମାନସୀ ସାହୁ, ମୋନାଲିସା ଆଚାର୍ଯ୍ୟ, ରିତାବାଳା ଦାସ, ସ୍ୱର୍ଣ୍ଣରେଖା ସାହୁ, ପ୍ରିୟମ୍ବଦା ନାୟକ, ପ୍ରୀତିଲତା ମଲ୍ଲ, ଅରୁନ୍ଧତୀ ଭୋଳ, ଦିବ୍ୟାଭାରତୀ ସ୍ୱାଇଁ, ମାନସୀ ମହାପାତ୍ର, ଅନ୍ନପୂର୍ଣ୍ଣା ମହାନ୍ତି, ଶ୍ୱେତା ଦେବୀ, ରିଙ୍କି ବେଉରା, ସରୋଜିନୀ ଛାଟୋଇ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ପାରାଦୀପ ବିଦ୍ୟୁତ୍ ଖଣ୍ଡ ଅଧୀନ ସମସ୍ତ ଶକ୍ତି ସହାୟକ ଓ ଆଭା ଶକ୍ତି ଦିଦି ଯୋଗ ଦେଇଥିଲେ।

## ରାଇସ୍ ମିଲ୍ ଉପରେ ଚଢ଼ଉ | ୩ ଧାନ ବୋଝେଇ ଟ୍ରାକ୍ଟର ଜବତ

**ଜଗତସିଂହପୁର/ବାଲିକୁଦା,୧୩।୨(ସମିସ):** ବେଆଇନ ଭାବେ ଧାନ ଷ୍ଟକ୍ ରଖିଥିବା ଅଭିଯୋଗରେ ଜଗତସିଂହପୁର ଜିଲ୍ଲାର ବାଲିକୁଦା ବ୍ଲକ୍ ଅନ୍ତର୍ଗତ ଡେଙ୍ଗାପୋଲ ଠାରେ ଥିବା ସଲାସର ରାଇସ୍ ମିଲ୍ ଉପରେ ପ୍ରଶାସନ ତରଫରୁ ଗୁରୁବାର ଅପରାହ୍ନରେ ଚଢ଼ଉ କରାଯାଇଛି। ବିଭିନ୍ନ ସୂତ୍ରରୁ ଅଭିଯୋଗ ପାଇବା ପରେ ଉପ-ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇଙ୍କ ନେତୃତ୍ୱରେ ଜିଲ୍ଲା ଯୋଗାଣ ଅଧିକାରୀ ଏବଂ ତାଙ୍କ ଟିମ୍ ଉକ୍ତ ରାଇସ୍ ମିଲ୍‌ରେ ପହଞ୍ଚିଥିଲେ। ତେବେ ମିଲ୍‌ର ପରିଚାଳକ ଏବଂ କର୍ମଚାରୀ ଯାଞ୍ଚ ପ୍ରକ୍ରିୟାରେ ସହଯୋଗ ନକରି ବାହାରକୁ ପଳାଇଥିଲେ ବୋଲି ଉପ-ଜିଲ୍ଲାପାଳ ଶ୍ରୀ ତରାଇ ସୂଚନା ଦେଇଛନ୍ତି। ଫଳରେ ପୁଲିସ ଉପସ୍ଥିତିରେ ଷ୍ଟକ୍ ଯାଞ୍ଚ କରାଯାଇଥିଲା। ଏହି ଚଢ଼ଉ ବେଳେ ମିଲ୍ ଗେଟ୍ ବାହାରେ ଧାନ ବୋଝେଇ କରି ରହିଥିବା ୩ଟି ଟ୍ରାକ୍ଟରକୁ ଜବତ କରି ବାଲିକୁଦା ଥାନା ପୁଲିସ ଜିମା ଦିଆଯାଇଛି। ଯାଞ୍ଚ ପରେ ମିଲ୍ ତରଫରୁ ଯେତିକି ଧାନ ସଂଗ୍ରହ କରାଯାଇଛି ତାହା ଠାରୁ ଅଧିକ ଧାନ ଷ୍ଟକ୍ ରହିଥିବା ଜଣାପଡିଥିଲା। ଏହି ଚଢ଼ଉ ଓ ଯାଞ୍ଚ ପ୍ରକ୍ରିୟା ସମ୍ପର୍କୀତ ରିପୋର୍ଟ ପ୍ରସ୍ତୁତ କରାଯାଇ ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବ ଏବଂ ନିୟମ ଅନୁସାରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି ଉପ-ଜିଲ୍ଲାପାଳ ପ୍ରଶାନ୍ତ ତରାଇ।



## ମିଳିଲାନି ମୁଗ ବିହନ; ଜିଲ୍ଲାପାଳଙ୍କୁ ଚାଷୀଙ୍କ ଗୁହାରି

**ପଟ୍ଟାମୁଣ୍ଡାଇ,୧୩।୨(ସମିସ):** ସମ୍ପ୍ରତି କୃଷି ବିଭାଗ ପକ୍ଷରୁ ଚାଷୀମାନଙ୍କୁ ଯୋଗାଇ ଦିଆଯାଇଥିବା ଉନ୍ନତ କିସମର ମୁଗ ବିହନ ଚାଷୀଙ୍କ ପାଖରେ ପହଁଚିନଥିବା ଅଭିଯୋଗ ହୋଇଛି। ଫଳରେ ଶହ ଶହ ଏକର ଚାଷ ଜମି ମୁଗ ବିହନ ବୁଣାଯାଇ ନଥିବାରୁ ଏବେ ପଡିଆ ପଡିଛି। ବିଭାଗୀୟ କର୍ମଚାରୀ ଓ ଦଲାଲ ମାନେ ମିଶି ଏହି ମୁଗ ବିହନକୁ କଳା ବଜାରୀ କରି ବିକ୍ରି କରିଦେଇଥିବା ଅଭିଯୋଗ କରିଛନ୍ତି ଶତାଧିକ ଚାଷୀ। ଏଭଳି ଏକ ସଙ୍ଗିନ ଅଭିଯୋଗ ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଞ୍ଚାୟତରୁ ଆସିଛି। ସ୍ଥାନୀୟ ଅଞ୍ଚଳର ଚାଷୀ ବାବାଜୀ ମଳିକ, ଫକିର ମଳିକ, ଭିକାରୀ ମଳିକ, ବିନୋଦ ବିହାରୀ ସେଠୀ, ରଶ୍ମିତା ମଳିକ, ରୁକ୍ମଣୀ ମଳିକ, ବିଦ୍ୟାଧର ମଳିକ, ଅଜୟ ସେଠୀ, ସରୋଜକାନ୍ତ ସେଠୀ, ହେମନ୍ତ ମଳିକ, ରବୀନ୍ଦ୍ର ବେହେରା, ସହଦେବ ସାହୁ, ଅମୂଲ୍ୟ ମଳିକ, ନିମାଇଁ ମଳିକ, ବବି ମଳିକ, ଯୋଗେନ୍ଦ୍ର ମଳିକ, ଚତୁର୍ଭୁଜ ମଳିକ, ସୁମିତ୍ରା ମଳିକ, ରବୀନ୍ଦ୍ର ମଳିକ, ବିଷ୍ଣୁ ଚରଣ ମଳିକ ଗ୍ରାମର ଶତାଧିକ ଚାଷୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରି ଚଳିତ ରବି ଫସଲ ନିମନ୍ତେ ଆସିଥିବା ମୁଗ ବିହନ ଓ ରାସାୟନିକ ସାର ଇତ୍ୟାଦିକୁ ବିଭାଗୀୟ କର୍ମଚାରୀ କେତେକ ସ୍ଥାନୀୟ ଲୋକ ପ୍ରତିନିଧି ଓ ତଥା କଥିତ ଦଲାଲମାନେ ହଡପ କରିଥିବା ଅଭିଯୋଗ କରିବା ସହିତ ଏହାର ତଦନ୍ତ କରି ସମ୍ପୃକ୍ତ ବ୍ୟକ୍ତି ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ଅନ୍ୟ ପକ୍ଷରେ ମୁଗ ବିହନ ଚାଷୀମାନଙ୍କୁ ପ୍ରଦାନ କରାଯିବା ପାଇଁ ସ୍ଥାନୀୟ ଅଞ୍ଚଳର ଏକ ସ୍ୱେଚ୍ଛା ସେବୀ ସଙ୍ଗଠନକୁ ଦାୟିତ୍ୱ ଦିଆଯାଇଥିବା ଜଣାପଡିଛି। ଏହି ଘଟଣା ସମ୍ପର୍କରେ ଜିଲ୍ଲା କୃଷି ଅଧିକାରୀ କଲ୍ୟାଣ ରାୟଙ୍କୁ ପଚାରିବାରେ ପଟ୍ଟାମୁଣ୍ଡାଇ ଅଞ୍ଚଳ ପାଇଁ କୃଷି ବିଭାଗର ଶରତ ନାୟକଙ୍କୁ ଦାୟିତ୍ୱ ଦିଆଯାଇଛି ବୋଲି କହିଥିଲେ। ତେବେ ଶରତ ନାୟକଙ୍କୁ ଟେଲିଫୋନ ଯୋଗେ ଯୋଗାଯୋଗ କରିବା ପାଇଁ ଉଦ୍ୟମ କରାଯାଇଥିଲେ ହେଁ ସେ ଫୋନ ଉଠାଇ ନଥିଲେ। ଫଳରେ ଯୋଗାଯୋଗ ସମ୍ଭବ ହୋଇପାରି ନାହିଁ।

## ଜଗତି ଗ୍ରାମର ବିକାଶ ପାଇଁ ନାଏବ ସରପଞ୍ଚଙ୍କ ଦାବି

**କୁଜଙ୍ଗ,୧୩।୨(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ଭୂତମୁଣ୍ଡାଇ ପଞ୍ଚାୟତର ବିକାଶ ତଥା ପ୍ରମୁଖ ଗ୍ରାମ ଜଗତିର ବହୁବୁଧ ବିକାଶ ପାଇଁ ଦାବି ପ୍ରଦାନ କରାଯାଇଛି। ଜଗତି ଗ୍ରାମର ଗ୍ରାମବାସୀ ବିକଶିତ ଗ୍ରାମ ବିକଶିତ ଓଡିଶା କାର୍ଯ୍ୟକ୍ରମରେ ପ୍ରକଳ୍ପ ନିମନ୍ତେ ମୋଟ ୭ଟି ପ୍ରକଳ୍ପ ଦାବି କରିଥିବା ବେଳେ ଏହା ପୂରଣ କରାଗଲେ ଗ୍ରାମର ବହୁତ ସମସ୍ୟା ସମାଧାନ ହୋଇଯିବା ସହ ପଞ୍ଚାୟତ ବାସୀ ବିଶେଷ ଉପକୃତ ହୋଇ ପରିବେ ବୋଲି ଭୂତମୁଣ୍ଡାଇ ନାଏବ ସରପଞ୍ଚ ତଥା ନାରୀ ନେତ୍ରୀ ଲିପିକା ଦାସ କହିଛନ୍ତି। ଏହି ପ୍ରକଳ୍ପ ଗୁଡିକ ମଧ୍ୟରେ ମା' ବୁଢି ଜାଡୁଆଣୀ ଠାକୁରାଣୀ ପୀଠର ବିକାଶ, ଠାକୁରାଣୀ ପୁଷ୍କରଣୀ ପୁନରୁଦ୍ଧାର ଓ ଆଦର୍ଶ ପୁଷ୍କରଣୀରେ ପରିଣତ, ବ୍ରହ୍ମା କୁମାରୀ ଈଶ୍ୱରୀୟ ବିଶ୍ୱ ବିଦ୍ୟାଳୟ ଜଗତିଠାରୁ କଟକ-ପାରାଦୀପ ମୁଖ୍ୟ ରାଜ୍ୟ ସଂଯୋଗ କରଣ ରାସ୍ତା ନିର୍ମାଣ, ଓମ୍ ଶାନ୍ତି ମହାପୁରୁଷ ଭାଗବତ ଟୁଙ୍ଗୀ ଓ ପାଚେରୀ ନିର୍ମାଣ, ବୁଢୀ ଜାଡୁଆଣୀ ପୀଠରେ ଶିଶୁ ଉଦ୍ୟାନ ନିର୍ମାଣ, ପାରାଦୀପ ପୋର୍ଟ ହାଇସ୍କୁଲ ଜଗତିର ଖେଳପଡିଆର ଉନ୍ନତିକରଣ ଓ କ୍ଷୁଦ୍ର ଷ୍ଟାଡିୟମ ନିର୍ମାଣ , ବର୍ଷା ଜଳ ନିଷ୍କାସନ ପାଇଁ ଡ୍ରେନ୍ ନିର୍ମାଣ, ବିବାହ, ବ୍ରତ ପାଇଁ ପଞ୍ଚାୟତ ବାସୀ କୁଜଙ୍ଗ ପାରାଦୀପ ଉପରେ ନିର୍ଭର କରୁଥିବା ବେଳେ ଏକ ନୂତନ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ୧ନଂ ୱାର୍ଡ ସଭ୍ୟା ନାଏବ ସରପଞ୍ଚ ସୋମାଲି ଦାସ, ୨ନଂ ୱାର୍ଡ ସଭ୍ୟ ଚିତ୍ତରଞ୍ଜନ ବେହେରା,୩ ୱାର୍ଡ ସଭ୍ୟା ଲିପିକା ଦାସ ଓ ମୁରବୀ ତଥା ସେବା ନିବୃତ୍ତ ପାରାଦୀପ ବନ୍ଦର ଅଧିକାରୀ ବୈଷ୍ଣବ ଚରଣ ପରିଡା ପ୍ରମୁଖ ପଞ୍ଚାୟତ ନିର୍ବାଚୀ ଅଧିକାରୀଙ୍କ ଜରିଆରେ କୁଜଙ୍ଗ ବିଡିଓ ତଥା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଗ୍ରାମରେ ଭୂତମୁଣ୍ଡାଇ ହାଇସ୍କୁଲ ଖେଳ ପଡିଆରରେ ପ୍ରତିବର୍ଷ ରାଜ୍ୟ ସ୍ତରୀୟ କ୍ରିକେଟ୍ ପ୍ରତିଯୋଗୀତା ଆୟୋଜନ କରାଯାଉଥିବା ବେଳେ ବହୁ ସମୟରେ ରଣଜୀ, କଳାହାଣ୍ଡି କପ୍ ଖେଳାଳୀ ଏହି ପଡିଆକୁ ଆସିଥାଆନ୍ତି। ତେଣୁ ପଡିଆ ସମତଳ ଥିବା ବେଳେ ଏହାର ରକ୍ଷାଣବେକ୍ଷଣ ସହ ମିନି ଷ୍ଟାଡିୟମ ଓ ଦଳିତ ସାହିରେ ପୋଖରୀର ଉନ୍ନିତିକରଣ ପାଇଁ ନାଏବ ସରପଞ୍ଚ ଦୃଢ ଦାବି ଉପସ୍ଥାପନ କରିଛନ୍ତି।

**ୟୁନିୟନ ନାଁରେ ଗୁଣ୍ଡାଗିରି**

# ବିୟର ଫ୍ୟାକ୍ଟ୍ରିରେ ଶ୍ରମିକ ଅଶାନ୍ତି

**ପାରାଦୀପ, ୧୩।୨ (ସମିସ)**



ପାରାଦୀପ ତାରିଣୀ ଗଡାରେ ରହିଥିବା ବିଅର ଫ୍ୟାକ୍ଟ୍ରି ରେ ଏବେ ଶ୍ରମିକ ଅଶାନ୍ତି ମୁଣ୍ଡଟେକିଛି।ଉକ୍ତ ଫ୍ୟାକ୍ଟ୍ରି ରେ ଏବେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଛଟେଇ ଶ୍ରମିକମାନେ କିଛି ବାହାର ଲୋକଙ୍କୁ ଧରି କାର୍ଯ୍ୟ ନ କରିବା ପାଇଁ ଓ ସେମାନଙ୍କ ସହିତ ଧାରଣା ଦେବାପାଇଁ ବାଧ୍ୟ କରୁଛନ୍ତି।ତେବେ କିଛି ଛଟେଇ ଶ୍ରମିକଙ୍କ ପାଇଁ ଶହ ଶହ କାର୍ଯ୍ୟରତ ଶ୍ରମିକ କାମରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି।ଯାହା ଫଳରେ ସେମାନେଙ୍କ ପରିବାର କିଭଳି ପ୍ରତିପୋଷଣ କରିବେ ତାକୁ ନେଇ ସେମାନେ ପ୍ରଶ୍ନ ଉଠାଇଛନ୍ତି।କିଛି ବାହାର ଲୋକଙ୍କୁ ଧରି ଶ୍ରମିମ ସଂଘ ନାଁ ରେ ରାଜନୀତି କରାଯାଉଥିବା ଅଭିଯୋଗ ହୋଇଛି। ଆଜି ପାରାଦୀପ ବିଅର ଫ୍ୟାକ୍ଟ୍ରି ମୁଖ୍ୟ ଫାଟକରେ ଚାକିରିରୁ ଛଟେଇ ପ୍ରତିବାଦରେ ଆନ୍ଦୋଳନ ଆରମ୍ଭ କରିଥିବା କିଛି ଶ୍ରମିକମାନେ କମ୍ପାନୀରେ କାର୍ଯ୍ୟରତ ଥିବା ଶ୍ରମିକ ମାନଙ୍କୁ ଫ୍ୟାକ୍ଟ୍ରି ଭିତରକୁ ଯିବାକୁ ଦେଉ ନଥିବା ବେଳେ ଅନ୍ୟ ପକ୍ଷରେ ଏହି ଆନ୍ଦୋଳନ ରେ ଯୋଗ ଦେଇ ନଥିବା କାର୍ଯ୍ୟରତ ଶ୍ରମିକମାନେ ଏହାକୁ ବିରୋଧ କରିଥିଲେ।ସେମାନେ କହିବା କଥା ଯେଉଁ ମାନେ ଦୋଷ କଲେ, କମ୍ପାନୀରେ ବିଶୃଙ୍ଖଳା କଲେ କମ୍ପାନୀ କର୍ତ୍ତୃପକ୍ଷ ସେମାନଙ୍କୁ ଦଣ୍ଡିତ କରିବା ସହିତ ଚାକିରିରୁ ବହିଷ୍କାର କଲେ କିନ୍ତୁ ତାଙ୍କ ପାଇଁ ଆମ ଡିୟୁଟି କାହିଁକି ବନ୍ଦ କରାଯିବ।କାମରେ ଯୋଗ ନଦେଲେ ଆମେ ୩ ଶହ ପରିବାର ଚାଲିବୁ କେମିତି। ତୁରନ୍ତ ଏହାର ସମାଧାନ ଯଥା ଶୀଘ୍ର କରି ପୂର୍ବ ପରି କମ୍ପାନୀକୁ କାର୍ଯ୍ୟକାରୀ କରିବା ସହ ଆମକୁ କାର୍ଯ୍ୟରେ ଯୋଗ ଦେବାପାଇଁ ନିଷ୍ପତ୍ତି ନିଆଯିବା ଦରକାର। ନହେଲେ ଆମେ ମଧ ଏହାର ପ୍ରତିବାଦ କରି ରାଜରାସ୍ତାକୁ ଓହ୍ଲାଇବୁ ବୋଲି କାର୍ଯ୍ୟରତ ଶ୍ରମିକ ମାନେ ମତ ଦେଇଛନ୍ତି। କିଛି ଶ୍ରମିକଙ୍କ ଆନ୍ଦୋଳନକୁ ନେଇ ବାହାର ରାଜ୍ୟରୁ ଆସିଥିବା ଗାଡ଼ି ଚାଳକ ମାନେ ମଧ ଅନେକ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ଗାଡ଼ି ଚାଳକମାନେ ମଧ ଏହାର ଘୋର ନିନ୍ଦା କରିବା ସହ ଯେତେ ଶୀଘ୍ର ସମ୍ଭବ ଏହାର ସମାଧାନ କରିବାକୁ ଅନୁରୋଧ କରିଛନ୍ତି।

## ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ମହାନ୍ତି ଜୟନ୍ତୀ ଉତ୍ସବ ଉଦ୍‌ଯାପିତ




**ଜଗତସିଂହପୁର,୧୩।୨(ସମିସ):** ଲୋକକବି ନାଟ୍ୟାଚାର୍ଯ୍ୟ ବାଳକୃଷ୍ଣ ସ୍ମୃତି ପରିଷଦ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପଡିଆରେ ଗତ ୪ ତାରିଖରେ ଉଦ୍‌ଘାଟିତ ହୋଇଥିବା ଲୋକକବିଙ୍କ ୧୨୦ତମ ଜୟନ୍ତୀ ଉତ୍ସବ ଗୁରୁବାର ସଂଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ସଭାରେ ପରିଷଦର କାର୍ଯ୍ୟକାରୀ ଅଧକ୍ଷ ହେମନ୍ତ ରଥ ସଭାପତିତ୍ୱ କରିଥିଲେ। ଏଥିରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅବସରପ୍ରାପ୍ତ ଯୁଗ୍ମ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି,ଗୀତିକବି ତଥା ଚଳଚ୍ଚିତ୍ର ସଂଳାପ ଲେଖକ ଦେବୀଦତ୍ତ ମହାନ୍ତି,ପୌରାଧକ୍ଷା ଅର୍ଚ୍ଚନା ସିଂ ଏବଂ ପରିଷଦର ସଭାପତି ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଲୋକକବି ବାଳକୃଷ୍ଣ ମହାନ୍ତିଙ୍କ କାଳଜୟୀ ରଚନା ସମ୍ପର୍କରେ ଉଲ୍ଲେଖ କରିବା ସହିତ ଓଡିଆ ଗୀତିନାଟ୍ୟର ଅତୀତ ବର୍ତ୍ତମାନ ଓ ଭବିଷ୍ୟତ ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ପରିଷଦର ସଂପାଦକ ଗୋପାଳକୃଷ୍ଣ ମିଶ୍ର ସ୍ୱାଗତଭାଷଣ ଓ ଅତିଥି ପରିଚୟ ଦେବା ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ପରିଷଦର ସ୍ମୃତିପତ୍ର 'ବାଣୀକ୍ଷେତ୍ର ନାଟ୍ୟପ୍ରଜ୍ଞା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଶେଷରେ କାର୍ଯ୍ୟକାରିଣୀ ସଦସ୍ୟ ଦେବର୍ଷି ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ସଭା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ଅପରାହ୍ନରେ କୁଇଜ୍ ଏବଂ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

